ଚିଲିକା

ପ୍ରକାଶକ—

ରାୟ ରାଧାନାଥ ରାୟ

Digitized by srujanika@gmail.com

ଚିଲିକା

(କାବ୍ୟ)

ସ୍ୱର୍ଗୀୟ କବିବର

ରାୟ ରାଧାନାଥ ରାୟ ବାହାଦୁର ପ୍ରଣୀତ

ସପ୍ତମ ସଂସ୍କରଣ

ପ୍ରକାଶକ—

କଟକ ଟ୍ରେଡ଼ିଂ କମ୍ପାନୀ

ବାଲୁବଜାର—କଟକ-୨

୧୯୫୫

ମୂଲ୍ୟ ଟ ୦।୯/

Digitized by srujanika@gmail.com

ଚିଲିକା

ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳମାଳିନୀ ନୀଳାମ୍ବୁ ଚିଲିକା,
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳ-ଭୁବନେ ଶୋଭାର ଭଣ୍ଡାର,
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି,
ପ୍ରସନ୍ନବଦନା ଉଜ୍ଜ୍ୱଳବରଣା,
ମୁଖଶ୍ରୀ ଦେଖନ୍ତି ସର୍ବ୍ବ ଦିଗଙ୍ଗନା,
ନୀଳ ଅଙ୍ଗ ତୋର ଶଙ୍ଖ ଅନ୍ତରାଳେ
ନାସି, ନଳବନ, ଶୈଳ, ଦ୍ୱୀପମାଳେ,
ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି
ସୌରକରେଭାସୀ ନୀଳ ରମ୍ଭାନାସି, (୧)
ବିମାନ-ଆକାରେ ଭାସେ ଅଗଣନ
ମନୋରସେ ଶୈଳ ବୈଦୂର୍ଯ୍ୟ-ବରଣ,
ପକ୍ଷଚ୍ଛେଦ-ଶଙ୍କ-ଭୟେ କି ଶଇଲେ
ଲୁଚି ରହିଥିଲେ ତୋହର ସଲିଳେ ?

(୧) ରମ୍ଭା ଗଞ୍ଜାମ ଅନ୍ତର୍ଭୁକ୍ତ ସ୍ୱନାମପ୍ରସିଦ୍ଧ ପର୍ବତ ।

Digitized by srujanika@gmail.com

ସନ୍ନିଧି ଲଭିଣ ଭଗବତୀଙ୍କର (୧)
ହୋଇଛନ୍ତି ଗୁଳ୍ମ ଜଟିଳ ଶିଖର ?
ଦେଉଳ-କଣ୍ଠୀ କାଳୀଜୟୀ ଗିରି, (୨)
ମାରକତ-ସେତୁ ପ୍ରାୟେ ଯାର ଶିରୀ,
ଶ୍ୱେତାଙ୍ଗ ଚଢ଼ାଇଗୁହା (୩) ସମୁଦ୍‌ଗତ,
ନୀର ଭେଦ କରି ଉଠେ ଐରାବତ ?
ତରଙ୍ଗ-ବେଷ୍ଟିତ କାଙ୍କଣ-ଶିଖରୀ, (୪)
ଆଦ୍ୟଫଳେ ଯାର ତରୀ ପୂର୍ଣ୍ଣ କରି
ବର୍ଷେ ବର୍ଷେ ହ୍ରଦବାସୀ ଧୀବରେ
ଆଦରେ ପ୍ରେରନ୍ତି ଲକ୍ଷ୍ମୀ-ବ୍ରେଷଦରେ;
ସ୍ଥାନେ ସ୍ଥାନେ ନୀର ଭେଦନ୍ତି ସୈକତ,
ଶାରଦ ଆକାଶେ ଯେହ୍ନେ ଛାୟାପଥ,
ତାରାପୁଞ୍ଜେ ଯଥା ଶୋଭେ ହରିତାଳୀ
ପୁଳିନ ତେସନ ଶୁଭ୍ର-ଶୁକ୍ତିଶାଳୀ;
ବୃକ୍ଷ ଶିର ହୋଇ ଶୋଭାର ଆଶ୍ରମ,
ଶୈଳ, ଟଙ୍କ ବନେ ମଧୁର ବିଷମ;
ଗିରିଖୋଲ, ନାସି, କାନ୍ତାର, କନ୍ଦରା,
ସୁରମ୍ୟ ତଟିମା ଜନମନୋହରା,

(୧) ଚିଲିକାତୀରସ୍ଥ ବାଣପୁରରେ ଶ୍ରୀଭଗବତୀଦେବୀଙ୍କ ମନ୍ଦିର ଅଛି ।
(୨) କାଳୀଜୟୀ—ଚିଲିକା ମଧ୍ୟସ୍ଥିତ ପର୍ବତ । ଏହି ପର୍ବତ ଶୃଙ୍ଗରେ ପାରିକୁଦ ରାଜାଙ୍କ ପ୍ରତିଷ୍ଠିତ କାଳୀଜୟୀ ଦେବୀଙ୍କ ମନ୍ଦିର ଅଛି ।
(୩) ଚିଲିକାନୀରୋଦ୍‌ଗତ ଶ୍ୱେତବର୍ଣ୍ଣ ଶୈଳ (୪) ଚିଲିକାମଧ୍ୟସ୍ଥିତ ସ୍ୱନାମପ୍ରସିଦ୍ଧ ପର୍ବତ । ଏଠାରେ ଅପର୍ଯ୍ୟାପ୍ତ କାଙ୍କଣ ଫଳ ଜାତହୁଏ ।

Digitized by srujanika@gmail.com

ବିକଟ, ସଙ୍କଟ, ତୁଙ୍ଗ ଶୈଳସାନୁ,
ଗଣ୍ଡପଥେ ଯାହା ପରଶନ୍ତ ଭାନୁ,
ନୀଳ ଗଣ୍ଡ ଯାର ଗଭୀର ବିବର
ଫଣିପତି-ଫଣା-ମଣିରେ ଭାସ୍ୱର,
ଭଗ୍ନ ଦୁର୍ଗ, ଜୀର୍ଣ୍ଣଜର୍ଜର ଦେଉଳ
ଶୈବାଳ-ଅରଣ୍ୟ-ଲତା-ଗୁଳ୍ମାକୁଳ,
ମୂର୍ତ୍ତିମନ୍ତ ହୋଇ ଭବଭଙ୍ଗୁରତା
ପ୍ରତିଧ୍ୱନିଛଳେ କହେ ଯହିଁ କଥା;
କୁରଙ୍ଗ କୁରଙ୍ଗୀ ଚିର-କ୍ରୀଡ଼ାସ୍ଥଳ
ନବଦୂର୍ବାଦଳ-ଶ୍ୟାମଳ ଶାଦ୍ୱଳ,
ବିଶାଳ ପୁଳିନ ମନୋମୋହକାରୀ,
ମରୀଚିକା ଯାର ଚିର-ସହଚରୀ,
ଦ୍ୱୀପମାଳା ଶସ୍ୟେ ହରିତାୟମାନ,
ଏମାନ ତୋହର ଶୋଭା-ଉପାଦାନ;
ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ ଉତ୍କଳେ ତୋ ଛବି ଅତୁଳ;
ବହୁଦିନ ଭ୍ରମି ଭ୍ରମି ଅବିରତେ
ଦେଖିଲଇଁ ନାନାସ୍ଥାନ ଭୂଭାରତେ;
କି ଉତ୍ତରଖଣ୍ଡ କି ଦକ୍ଷିଣାପଥ,
ଭ୍ରମିଲି ମୁଁ ଭାଗ୍ୟବଶେ ଚକ୍ରବତ,
ଭାରତର ରମ୍ୟ-ସୀମାନ୍ତ-ଅଚଳ
ଦେଖିଲି ହିମାଦ୍ରି ହିମ-ଉଜ୍ଜ୍ୱଳ ।

Digitized by srujanika@gmail.com

ପାଦେ କୋଟି କୋଟି ଶିଖରସମାଜ,
ସର୍ବୋଚ୍ଚେ ଶୋଭନ୍ତ ଶୁଭ୍ର ଶୈଳରାଜ,
ଶୃଙ୍ଗୋପର ଶୃଙ୍ଗ—ଶୃଙ୍ଗ ତଦୁପର
ନୀଳ ବ୍ୟୋମପଟେ ଚଢ଼ ହେଲ ପର,
ନୀହାର-ମୁକୁଟେ ମସ୍ତକ ମଣ୍ଡିତ
ସ୍କନ୍ଧେ ଶୋଭେ ଶୁଭ୍ର ଗଙ୍ଗା-ଉପବୀତ,
ନିସ୍ତବ୍ଧ ନୀରବ ସେ ମହାବିଜନେ
ସନାତନ ଶ୍ୱେତ ତୁଷାର-ଆସନେ
ବ୍ୟୋମକେଶ-ମୂର୍ତ୍ତି ଦେଖିଲ ଚମକ,
ମଜ୍ଜିଲ ସେ ରୂପେ ଚିତ୍ତବୃତ୍ତି ଥକ,
ମନେ ମନେ କଳ୍ପି ନମିଲ ନୀରବେ
"ନମୋ ଦେବାତ୍ମନେ ଶ୍ରୀ ଗୌରୀଗୁରବେ।"
ରାଜସ୍ଥାନେ ଭ୍ରମି ଧୂମ ମରୁସ୍ଥଳୀ
ଦେଖିଲ ଭୀଷଣ ରୁକ୍ଷ ଶୈଳାବଳୀ,
ନୀର-ତରୁ-ହୀନ, ବନ୍ଧୁର, କର୍କଶ,
କଙ୍କାଳ ଯେସନ କାଳ ସର୍ବଙ୍କଷ,
ଚଣ୍ଡାଂଶୁକରଣେ ଖର ଅତିଶୟ,
ଦବାଗ୍ନି-ଦ୍ରୋହି-ଶ୍ୱାସେ ବିଷମୟ,
ତପ୍ତ ବାୟୁ ଯହିଁ ପ୍ରଚଣ୍ଡେ ସଞ୍ଚର
ପାନ୍ଥ-ଆୟୁ ନିଏ ପ୍ରତିପଦେ ହର;
ଗୁମ୍ଫାଦ୍ୱାରେ ଦଣ୍ଡ ଯହିଁ ନାଗଫେଣୀ,
ନୀରଦାନେ ପୁଷ୍ପି ମସୂରିକା-ବେଣୀ,

Digitized by srujanika@gmail.com

ତୃଷାତୁର ଯୋଗୀ ଗୁମ୍ଫେ ଯଥା ବସି
ସ୍ମରେ କମଳିନୀ-ହସିତ-ସରସୀ,
ସେହ୍ନ ରୁକ୍ଷ-ଦୃଶ୍ୟେ ସ୍ନିଗ୍ଧ ଛବି ତୋର
ନେହାଡିଥି ସ୍ମୃତି କରୁଥିଲି ମୋର;
ଭ୍ରମିଲି ଯେକ୍ଷଣି ବିନ୍ଧ୍ୟାଦ୍ରି-କାନ୍ତାର,
ଧୂଆଁ ଧାରେ * ଯହିଁ ହୋଇ ଶତଧାର
ଭୈରବ ଆରବେ ରେବା ଦେଇ ଲମ୍ଫ
ଜନମାଏ ଜନ ମାନସେ ପ୍ରକମ୍ପ,
ଶୁଭ୍ର-ସ୍ୱଚ୍ଛ-ପୟଃ-ପ୍ରପାତ-ସୁଭଗା
ହର-ଜଟା-ଭ୍ରଷ୍ଟା ଯଥା ତ୍ରିପଥଗା,
ଶୀକର-ଜଳଦେ ବଷ୍ପବସ୍ତୁକର
ସୃଜେ ଯହିଁ ଶକ୍ରଚାପ ମନୋହର,
ଶୁଣିଲି ଶ୍ରବଣେ ସେ ଭୈରବ ରବ,
ଊର୍ଦ୍ଧ୍ୱେ ଦେଖିଲି ସେ ଜଳର ତାଣ୍ଡବ;
ଭ୍ରମିଲି ଦକ୍ଷିଣାପଥେ ଉପତ୍ୟକା,
ଝିଲ୍ଲି-ଝଙ୍କାରିତ ଅଟବୀ ଦଣ୍ଡକା,
ତୀର୍ଥାଶ୍ରମ, ଗିରି, ତଟିନୀ, କନ୍ଦର—
ମହାରଣ୍ୟମାନେ ଚିତ୍ର-କଳେବର,
ଦୂଷଣ ତ୍ରିଶିର ଖର ଅଧ୍ୟାସିତ
ଜନସ୍ଥାନ ଯାର ଥିଲି ସନ୍ନିହିତ,

---

* ନର୍ମଦା ପ୍ରପାତର ନାମ ଧୂଆଁଧାର ।

Digitized by srujanika@gmail.com

ଧାରାସ୍ରାବୀ, ଭୀମରାବୀ, ତଡ଼ିଦ୍‌ବନ୍ତ—
ପର୍ଜ୍ଜନ୍ୟ ଗର୍ଜ୍ଜନେ କମ୍ପିଲେ ଦିଗନ୍ତ,
ଯହିଁ ମେଘାଲୋକେ ପ୍ରଫୁଲ୍ଲ ଅନ୍ତର,
ମୈଥିଳୀ-ପାଳିତ କେକ-ବଂଶଧର,
ନାଚେ ନୃତ୍ୟକାରୀ ନୀଳକଣ୍ଠ-କେକା
ଅଦ୍ୟାପି ସୂଚଇ ରାମାଶ୍ରମରେଖା;
ଭୀଷଣ କନ୍ଦର ମଧ୍ୟେ ବସି ତହିଁ
ଗଦଗଦ ଶବଦେ ଗୋଦାବରୀ ଯହିଁ
କୁହରେ ପଡ଼ୁଛି ଭୃଗୁ ଦେହେ ଝରି,
ତହିଁ କି ଲୋ ତୋତେ ନ ଥିଲା ସୁମରି,
ବାତ୍ୟା-ଆନ୍ଦୋଳିତ ମହାଭୟଙ୍କର
ଭ୍ରମିଲ ଭୀଷଣ ରାଜ୍ୟେ ବରୁଣର,
ଯହିଁ ଚକ୍ରବାଳେ ଅସ୍ପୃଷ୍ଟପ୍ରଭ
ନୀଳାର୍ଣ୍ଣବ-ଦେହେ ଲଗ୍ନ ନୀଳ ନଭଃ,
ଊର୍ମ୍ମିପରେ ଊର୍ମ୍ମି—ଊର୍ମ୍ମି ତଦୁପରେ
ପୋତ ଗ୍ରାସିବାକୁ ଆସୁଥାଇ ଖରେ;
ସ୍ତବ୍ଧଭାବେ ଏହି ମହାଦୃଶ୍ୟମାନ
ଦେଖିଲ ଭାରତେ ଭ୍ରମି ନାନା ସ୍ଥାନ,
ଭୀଷଣ, ବିରାଟ, ବିକଟ, ଉଦାର
ଦୃଶ୍ୟ ଦେଖି ହେଲ ବିସ୍ମୟ ଅପାର,
ଚିତ୍ତବୃତ୍ତି ଗଲା ନିଜ ପଥ ହୁଡ଼ି,
ସରି ଗଲା ସେହି ମହାଭାବେ ବୁଡ଼ି,

Digitized by srujanika@gmail.com

ଝର ସୌରକରେ ତାରକା ଯେସନ
ଅସ୍ମିତା * ବସ୍ତୁସ୍ୱେ ହେଲ୍ ନମଗନ,
ଘୁରୁ ପ୍ରାୟ ତାଙ୍କୁ ଦୂରୁଁ କର ଭୀତ
ସଖୀ ପ୍ରାୟେ ତୋତେ ସ୍ମରୁଥିଲ ନତ;
ଇତର ଜନର ଅବସାଦକର
ଯୋଗୀ ଋଷିଙ୍କି ସେ ସ୍ଥାନ ମନୋହର,
ରବି-କରେ ମୃଦ କମଳ ଲଭଇ,
ଝାଉଁଳ ପଡ଼ନ୍ତ ଅନ୍ୟ ପୁଷ୍ପ ଚହିଁ,
ସେହ୍ବ ପୁଷ୍ପ ପୁଣି ସ୍ନିଗ୍ଧ ଶଶିକରେ
ପିଅନ୍ତ ପୀୟୂଷ ପ୍ରଫୁଲ୍ଲ ଅନ୍ତରେ,
ତୋ ଛବ ଦର୍ଶନେ ସେହ୍ବରୂପେ ମନ
ଲଭେ ସୁମଧୁର ଶାନ୍ତ ଆସ୍ୱାଦନ,
ବସନ୍ତ ନୋହ୍ବ ଭୁ ଯେଣୁ ସୁବୃହତ,
ସ୍ତବ୍ଧ ନୋହ୍ବ ମନ ହୁଅଇ ଉନ୍ନତ,
ଅବସାଦେ ଅବା ଆତ୍ମବିସ୍ମୃତରେ
ବୁଡ଼େ ନାହିଁ ମନ ତୋର ରମ୍ୟ ସ୍ଥରେ,
ସ୍ନିଗ୍ଧ ରୂପ ତୋର ଚତ୍ତ-ଉଲ୍ଲାସକ
ସୁମଧୁର ଦ୍ୱୈତ-ଭାବର ଦ୍ୟୋତକ ।
ସଙ୍ଗୀତ ତୋହର ଚର ସହଚର,
ମାଳ ବକ୍ଷ ତୋର ସଙ୍ଗୀତ-ମୁଖର;

ଅସ୍ମିତା-'ମୁଁ ଅଛି' ଏହ୍ବ ଜ୍ଞାନ (Self-consciousness)

Digitized by srujanika@gmail.com

ଭାସମାନ ଶ୍ୱେତ ପ୍ରାସାଦ ଆକାରେ
ଗାଆନ୍ତି ବିହଙ୍ଗେ ତରଙ୍ଗ-ଦୋଳାରେ,
ନୀଳଛତର କରି ଗ୍ରୀଷ୍ମାତେ ତୋ ଅଙ୍ଗ
ଊର୍ଦ୍ଧ୍ୱେ ମେଘାକାରେ ଉଡ଼ନ୍ତି ବିହଙ୍ଗ,
ପକ୍ଷ ଝାଡ଼ି ଶୂନ୍ୟେ ସ୍ଥିରଲକ୍ଷ୍ୟ ହୋଇ
ଜଳ-ମତ୍ସ୍ୟେ ଚଞ୍ଚୁ ମାରନ୍ତି ଗାଙ୍ଗୋଇ;
କଳା, ନୀଳ, ପୀତ, ଧୂସର, ଲୋହିତ—
ବିହଙ୍ଗମେ ଊର୍ମି କାନ୍ତି ବିମଣ୍ଡିତ,
ଜଳଦେବୀ-କଳ-କିଙ୍କିଣୀ-ନିକ୍ୱଣ
ପ୍ରାୟ ଶୁଭୁଥାଇ ଶବଳ-ନିଃସ୍ୱନ,
ଯୂଥେ ଯୂଥେ ମତ୍ସ୍ୟ ନିଜ ଶୁଭ୍ରକାନ୍ତି
ନୀଳ ନୀରେ ଡେଇଁ ଉଲ୍ଲାସେ ଦେଖାନ୍ତି,
ଧିକ୍‌କାରି ମୁକୁତା-ଶୁକ୍ତି-ବର୍ଣ୍ଣ-ଛଟା
ଶଳ୍କାବୃତ ବପୁ ପ୍ରକଟେ ଭେକଟା;
ବିଷଦିଗ୍ଧ-ଶଙ୍କୁ ପ୍ରାପ୍ତେ ବକ୍ଷ ପୃଷ୍ଠ
ଶଙ୍କା ଉପୁଜାଏ ବିକଟ ସାଙ୍କୁଚ,
ଶିଶୁମାର ଖେଳେ ତରଙ୍ଗେ ଉଲଟି,
ଉଠି ବୁଡ଼ଇ ନ ପଡ଼ନ୍ତି ନେନେ ପଟୀ,
କଳା ମୁଣ୍ଡ ଜଳେ ଝଟକେ ଦେଖାଇ
ବୁଲଇ ମଗର ଏଣେ ତେଣେ ଧାଇଁ,

---

* ଏହି ମତ୍ସ୍ୟ ନିମନ୍ତେ ଚିଲିକା ପ୍ରସିଦ୍ଧ ।

Digitized by srujanika@gmail.com

କୋଟି କୋଟି ଜୀବ ଲଭନ୍ତି ଜୀବିକା
ତୋ ଦେହେ ଏରୂପେ ବିଚରି, ଚିଲିକା,
କୋଟି କୋଟି ଜୀବେ ଯୋଗାଇ ଆହାର,
ନ ସରଇ ତୋର ଅକ୍ଷୟ ଭଣ୍ଡାର ।
କି ଆଶ୍ରିତ, କିବା ଆଗନ୍ତୁକଚୟ
ନିର୍ବିଶେଷେ ସର୍ବେ ପୂରନ୍ତି ଆଶ୍ରୟ,
ଏଣୁ ଯେ ତୋ ନୀଳ ବକ୍ଷ ତାରକିତ—
କରି ବିହରନ୍ତି ହଂସ ଅଗଣିତ,
କେବଣ ଦେଶୁଁ ଏ ବର୍ଷେ ବର୍ଷେ ଆସି
କ୍ରୀଡ଼ନ୍ତି ତୋ ଅଙ୍ଗେ ନାନାରଙ୍ଗେ ଭାସି ?
କଳୁଷିତ-ବାରି କଳୁଷହାରକ,
କାସାରେ କୁମୁଦ-ହାସ-ପ୍ରକାଶକ,
ଦକ୍ଷିଣାଶା-ବଧୂ ଅବତଂସ-ମୋତି
ମହୋଜ୍ଜ୍ୱଳ କୁମ୍ଭ-ସମ୍ଭବ-ଜ୍ୟୋତି
ଉଇଁଲେ ଆକାଶେ, ଆସି ଦଳେ ଦଳେ
ପୂରନ୍ତି ଜଳ ଏ କଳ କୋଳାହଳେ,
ଏମାନେ କି ସହଚର ଶରତର
ଶରତ ସଙ୍ଗତେ ହୁଅନ୍ତି ଅନ୍ତର ?
ଉଜ୍ଜ୍ୱଳ-ଶରତ-ଲକ୍ଷ୍ମୀ-ପରିଜନ—
ପ୍ରାୟ ଦେଶେ ଦେଶେ କରନ୍ତି ଭ୍ରମଣ,
ଶଶାଙ୍କ-ଧବଳା ନିଶା ଜ୍ୟୋତିଷ୍ମତୀ,
କାଶହାସମୟୀ ସ୍ୱଚ୍ଛ ସ୍ରୋତସ୍ୱତୀ,

Digitized by srujanika@gmail.com

ମାଳତୀ ବିଶଦ ନିବିଡ଼ ନିକୁଞ୍ଜ,
କୁମୁଦ ଧବଳ ସରୋବରପୁଞ୍ଜ
ଲଭି ସ୍ଥିରତର ଶରତ-ପ୍ରସାଦ,
ଏ ସମ୍ପଦର ଏ ଅନନ୍ତ ଦାୟାଦ,
ନିଜେ ଶୁଭ୍ର, ଶୁଭ୍ରେ କରନ୍ତି ବିହାର,
ଶୁଭ୍ରମୟ ସଦା ଏହାଙ୍କ ସଂସାର,
ଶୁଭ୍ର ଶରତର ଜୟ-ବୈଜୟନ୍ତୀ—
ହାସ୍ୟେ ପନ୍ତି ବାନ୍ଧି ନଭେ ବିହରନ୍ତି ।
କମଳା-ବିଳାସ-ଭୂମି ଚୋର ଖର,
ଫଳ ଫୁଲ ଶସ୍ୟେ ସଦା ସୁରୁଚିର,
ନାରିକେଳ, ପୂଗ, ପନସ, ରସାଳ,
ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ,
ଅଶୋକ ବସନ୍ତ-ବିଭବ-ବିକାଶୀ,
କଦମ୍ବ ଜଳଦ-ଡମ୍ବୁର-ବିଳାସୀ,
ସଦାଶିବପ୍ରିୟ ପବିତ୍ର ଶ୍ରୀଫଳ,
ସଦା ଚଳଦଳ ପବିତ୍ର ପିପ୍ପଳ,
ପୁରାଣ ଶାଳ୍ମଳୀ ସୁବିଶାଳକାୟ
ଶ୍ୟେନ ଶ୍ୟେନୀ ଯହିଁ ରଚନ୍ତି କୁଳାୟ;
ଗ୍ରାମଦେବତାଙ୍କ ମଣ୍ଡପ-ବିତାନ
ସିନ୍ଦୂରିତ ପୁଷ୍ପଗୁଚ୍ଛେ ଗୋଡ଼ିବାଣ;
ଶିବାଳୟ-ଉପକଣ୍ଠେ କନଅର
ସୁବର୍ଣ୍ଣ-ଚଷକଧର ମଧୁପର,

Digitized by srujanika@gmail.com

କର୍ଣ୍ଣପୂରରୂପେ ପୁଷ୍ପ ଯାର ଦୋଳେ
ପଲ୍ଲୀ-ବାଳାସିମା-ଅମଳ-କପୋଳେ;
ବୈଦୂର୍ଯ୍ୟ-କଣ୍ଠ-ଧାଙ୍ଗ ଭୃଙ୍ଗ ତାଳ
ସରୋବର-ତୀରେ ଶୋଭେ ମାଳ ମାଳ,
ମହାନନ୍ଦେ ଯାର ବାହୁଚ୍ଛାୟାଶ୍ରୟେ
ବାୟୁ ବାୟୁବଧୂ ବସନ୍ତ ନିର୍ଭୟେ,
ମୂଳେ କାଳରୂପୀ ଭୀଷଣ ଭୁଜଙ୍ଗ—
ଭ୍ରୂକୁଟି ନ ଗଣି କରୁଥାନ୍ତି ରଙ୍ଗ,
ଡାଳୁ ବିଲମ୍ବିତ ସ୍ୱର୍ଣ୍ଣବର୍ଣ୍ଣ ଦୋଳେ
ଦୋଳାନ୍ତି ଶାବକକୁଳେ ସ୍ନେହଭୋଳେ;
ସଦାଶ୍ରିତ ଜୀବେ ଛାୟାପ୍ରଦାୟକ,
କଷ୍ଟ ସହି, ପର-କଷ୍ଟ-ସଂହାରକ
ବଟଦ୍ରୁମ, ଯାର ଯୋଗ୍ୟ ପୁତ୍ରବତ
ଭୂସ୍ପର୍ଶୀ ଉତ୍କଳ ସ୍ତମ୍ଭେ ପରିଣତ,
ମରକତ-ପର୍ଣ୍ଣେ ପଦ୍ମରାଗ-ଫଳେ
ଯା ବିଗ୍ରହ ଗ୍ରାମ-ସୀମାନ୍ତ ଉଜଳେ,
ମଧ୍ୟାହ୍ନେ ସ୍ଫୁରଇ ଯହିଁ କଳଗିର
ହଳଦୀବସନ୍ତ ସଙ୍ଗେ ଗୁଣ୍ଡୁଚିର;
ଏ ଆହା ପାଦପମାନେ ଅନ୍ଧାରିତ
ତୀରପଲ୍ଲୀ ତୋର ସ୍ନିଗ୍ଧ ସୁଲଳିତ,
ବୃତିରେ ପୁଷ୍ପିତ କେତକୀକି ଯହିଁ
ସମୀରଣ ତୋର ନିତ୍ୟେ ସେବଇ;

Digitized by srujanika@gmail.com

କେତେଥର ଦେଖିଅଛୁ ଏହିମାନ
ମାତ୍ର ପ୍ରତିଥର ଦିଶେ ଆନ ଆନ ।
ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରଶାନ୍ତ
ସୁନ୍ଦରପଣର ଚିରନ୍ତନ ଗୀତ,
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।
ଚାହାଁ ପଶ୍ଚିମ-ତୀର ଶୋଭାର ନିଳୟ,
ଦେଖି ନ ଉଲ୍ଲସ ଲଭି କା ହୃଦୟ ?
ଶ୍ୟାମଳରୁ କ୍ରମେ ନୀଳ ନୀଳତର
ସୋପାନସ୍ୱରୂପେ ଦିଶେ ଶୈଳତର,
ଅଭ୍ରଙ୍କଷ ତୁଙ୍ଗ ପ୍ରାଚୀ-ପାଦେଶ
ଶୋଭେ ଶୋଭାମୟ ଭୂଧର ଘଳେଶ, (୧)
ନମନମ୍ର ହୋଇ ନୀଳ ଜଳରାଶି
ଭେଦଅଛୁ ଯାର ସୁଶ୍ୟାମଳ ନାସି,
ତୋଳା ତୋଳା ହୋଇ ପଡ଼ିଛି ଶିଖ
ଠାବେ ଠାବେ ଯାର ମାର୍ଗ ଗଇଣ୍ଡ;
ସୁଶ୍ୟାମଳ ଗୁଳ୍ମ-ଜଟିଳ ଜଟିଆ (୨)
ଶିରୁଁ ନୀରେ ଯାହା ହୋଇଅଛୁ ଠିଆ,

---

(୧) ସ୍ୱନାମପ୍ରସିଦ୍ଧ ପ୍ରାଚୀରକ୍ଷିତ ବିଶାଳ ପର୍ବତ । ଚିଲିକା କୂଳରେ ଏହାର ଅବସ୍ଥିତି ଅତି ସୁନ୍ଦର ।

(୨) ସ୍ୱନାମପ୍ରସିଦ୍ଧ ପର୍ବତ ।

Digitized by srujanika@gmail.com

ତିନି ଆଡ଼ୁ ଯାକୁ ଘେରି ଶୈଳଦଳ
ପ୍ରହରନ୍ତି ନିଜ କ୍ଲୀବତ୍ୱ କେବଳ,
ତଟବନେ ଯାର ଗଜେ ଅନ୍ଧାରୁଆ
ଜଳଦେବୀଙ୍କର କେଳିଯୋଗ୍ୟ ଗୁହା,
ପାଷାଣଭେଦୀରେ (୧) ମଣ୍ଡିତ ତୋରଣ,
ଶଇବାଳସ୍ତରେ ଭିତ୍ତି ସୁଚିକ୍କଣ,
ବସି ଯହିଁ ହ୍ରଦବାସିନୀ ଅପ୍ସରୀ,
ସ୍ୱଚ୍ଛ ମୁକ୍ତାଫଳେ ବାନ୍ଧନ୍ତି କବରୀ;
ବୃକ୍ଷହୀନ, ଶିଳାରୁକ୍ଷ-କଳେବର
ସିଂହେଶ୍ୱରଙ୍କର (୨) ଯାମଳ ଭୂଧର;
ବହଇ ସାଳିଆ ପ୍ରସନ୍ନ-ସଲିଳା (୩)
ତଟଦେଶେ ଯାର ଶୈଳ ଦଣ୍ଡଶିଳା;
ଚନ୍ଦ୍ରମାଳକାନ୍ତ ବିଶାଳ ଶୋଳଶ୍ରୀ (୪)
ଦେଖି ମୋ ମନକୁ ଆସଇ ଏପରି,
ଊର୍ଦ୍ଧ୍ୱେ ଉଠନ୍ତି କି ଭେଦିଣ ଅବନୀ
ମୟୂରରଚିତ ଯାନେ ବୈଶ୍ରବଣ ?

---

(୧) ପାଷାଣଭେଦୀ—Ferns । (୨) ସ୍ୱନାମପ୍ରସିଦ୍ଧ ପର୍ବତର ସଂଲଗ୍ନ ଯୋଡ଼ିଏ ପର୍ବତ । ମହାଦେବ ସିଂହେଶ୍ୱରଙ୍କ ନାମାନୁସାରେ ନାମିତ । (୩) ବାଣପୁର ନିକଟବର୍ତ୍ତୀ ପର୍ବତ । ଏହାର ପାଦଦେଶରେ ସାଳିଆ ନଦୀ ପ୍ରବାହିତା (୪) ଓଡ଼ିଶା ମଧ୍ୟରେ ଏପରି ସୁଦୃଶ୍ୟ ପର୍ବତ ବିରଳ । ବାସ୍ତବରେ ଏହା ଗୋଟିଏ ବିରାଟ ନୀଳକାନ୍ତମଣି-ଗଠିତ ବିମାନ ପ୍ରାୟ ବୋଧ ହୁଏ ।

Digitized by srujanika@gmail.com

ଅପରାଜିତାର ମାଳମା ଚତ୍ୱର,
ଦୂରେ ଗିରିରାଜି ରାଜେ ମନୋହର;
କରିମୁଣ୍ଡାକୃତି ଗିରି ଖଣ୍ଡାହଣା, (୧)
କାନ୍ତାରେ ହୁଅନ୍ତି ଯାନ୍ତୁ ଯନ୍ତ୍ରୀ ବଣା;
ମଧ୍ୟାହ୍ନେ ଅନ୍ଧାର ଜଣାଇ ଅଳଙ୍ଘ୍ୟ
କନ୍ଧସୀମନ୍ତମାଂ ବିସ୍ତାରି ବନ୍ଧ୍ୟ
ମାରନ୍ଦ୍ର-ନବଡ଼ କାଠକବଣିଆ,
ଅଭ୍ରଙ୍କଷଶିଖ ଗିରି ଗଉଡ଼ିଣିଆ; (୨)
ଫଣାଧରାକୃତି ମୈନାକ ଶିଖର,
ଯା ଶିରେ ବସନ୍ତି ରଣପୁରେଶ୍ୱରୀ, (୩)
ବାରୁଣୀବଦନେ ଏ ଗିରିପଟଳୀ
ଶୋଭେ ଯେହ୍ନେ ମୃଗମଦ-ପତ୍ରାବଳୀ;
ପୂର୍ବଗ୍ରାମୁଁ ତୋର ଆରୋହି ତରଣୀ
ଆସୁଥିବାବେଳେ, ଏ ତୀର-ଅବନୀ
ଏହି ଦୃଶ୍ୟାବଳୀ ନିଜ ଚିତ୍ରପଟେ
ଦର୍ଶକ ନୟନେ କ୍ରମଶଃ ପ୍ରକଟେ,

---

(୧) ମୋଗଲବନ୍ଦୀର ସର୍ବୋଚ୍ଚ ପର୍ବତ । ଏ ଅଞ୍ଚଳରେ ଅନେକ କନ୍ଧପଲ୍ଲି ଅଛି । (୨) ରଣପୁର ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ଶୈଳ । ଏହାର ଶୃଙ୍ଗ ଗଉଣି ପରି ଦିଶେ । (୩) ରଣପୁର ରାଜଧାନୀ ନିକଟବର୍ତ୍ତୀ ବିଶାଳ ପର୍ବତ ବିରାଟ ସର୍ପାକୃତି । ଏହି ପର୍ବତ ତାଳୁରେ ରଣପୁରର ଅଧିଷ୍ଠାତ୍ରୀ ଦୁର୍ଗାଦେବୀଙ୍କର ମନ୍ଦିର ବହୁଦୂରରୁ ଦୃଷ୍ଟ ହୁଏ ।

Digitized by srujanika@gmail.com

କୁହେଳିକା ଭେଦି ଯେସନେ ଶୈଳକୂଟ
କ୍ରମେ ହେଉଥାନ୍ତି ନଭେ ପରିସ୍ଫୁଟ,
ଜଳୋଦ୍‌ଗତ ଇନ୍ଦ୍ରନୀଳର ଗମ୍ବୁଜ,
ପ୍ରାୟେ ଦିଶୁଥାଇ ଦ୍ୱୀପଶୈଳବ୍ରଜ;
ଯେତେ ହେଉଥାଇ ତରୀ ଅଗ୍ରସର,
ଅଲଗା ଦିଶନ୍ତି ଲଗ୍ନ ପରସ୍ପର;
ସ୍ଫୁଟ ହେଉଥାଏ କ୍ରମେ କ୍ରମେ ସ୍ଫୀତ,
ଏକ ବର୍ଣ୍ଣ ନାନା ବର୍ଣ୍ଣେ ବିଭୂଷିତ;
ପଲକେ ପଲକେ ହୁଅଇ ପ୍ରକାଶ
ଗୁପ୍ତ ଆଲୋକର ଅପୂର୍ବ ବିକାଶ;
ସାୟନ୍ତନ ଘନ ଖେଳଇ ଗଗନେ
ସୂର୍ଯ୍ୟାସ୍ତର ଐନ୍ଦ୍ରଜାଳିକ ବରଣେ;
ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତ
ଶିର ତୋଳି ଶୈଳ-ଶିଖୁଁ ଝାଙ୍କୁଥାନ୍ତି;
ଶୋଭାରାଶି ଫୁଟି ଅନ୍ତରୀକ୍ଷେ, ସ୍ଥଳେ,
ତହୁଁ ତୋ ତରଙ୍ଗବକ୍ଷେ ପ୍ରତିଫଳେ;
ଆହା ! ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ ଅଗୋଚର;
ପାଶୋରିବ ଦେଖି, କହ, କେଉଁ ଜନ
ଏ ଶୋକପାଶୋରା ଅପ୍‌ସରାଭୁବନ ?
ହରଷ-ଉତ୍କଣ୍ଠ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟି ?

Digitized by srujanika@gmail.com

ବଚନ ବିଷୟ ନୁହଇ ଏ ଛବି,
ହୃଦ ସେ କେବଳ ପାରେ ଅନୁଭବି ।
ନାନା ତୀର୍ଥଜଳ ଆସି ଏବା ନିତି
ପୂତ କରେ ତୋର ଅଙ୍ଗ ଚର୍ଚ୍ଚି ମିଶି;
ସର୍ବ-ଦେବ-ଦେବୀ-ସ୍ନାନେ ପବିତ୍ର
ନୀଳାଚଳ ପାଦେ ବହେ ଯେ ସରିତ, (୧)
ପୁନ୍ନାଗ-ଅରଣ୍ୟ-ଲକ୍ଷ୍ମୀ-ଦରପଣ,
ତେଜଃପୁଞ୍ଜ-ଭୃଗୁ-ପ୍ରଭାବେ ପାବନ, (୨)
ଭାର୍ଗବୀ, ସ୍ୱର୍ଗର ସୁଗମ ନିଃଶ୍ରେଣୀ,
ମନୋହର ଧାର ନୀଳ ନୀରବେଣୀ,
ସ୍ନାନକାଳେ ଦ୍ୱିଜକୁମାରୀନିଚୟ—
ମୁଖ ଦିଶେ ହେମ-ତାମରସମୟ;
ମଞ୍ଜୁ ଛୁଟିଅନା-କୁଞ୍ଜ-ବିହାରିଣୀ,
ସାକ୍ଷିଗୋପୀନାଥ-ହୃଦୟହାରିଣୀ,
ଦ୍ୱିଜକନ୍ୟା ଲକ୍ଷ୍ମୀ-ସ୍ନାନେ ପୁଣ୍ୟନୀରା,
ସୌଗନ୍ଧିକ ଗନ୍ଧେ ସୁରୁ ଚହଟିରା; (୩)

(୧) ଅଠରନଳା ନଦୀ ।

(୨) କିମ୍ବଦନ୍ତୀ ଅଛି ଯେ, ଭୃଗୁମୁନି ଏହି ନଦୀକୂଳରେ ତପସ୍ୟା କରିଥିବାରୁ ଏହାର ନାମ ଭାର୍ଗବୀ ହୋଇଅଛି । ଏହି ନଦୀତୀରରେ ଅନେକ ପ୍ରସିଦ୍ଧ ବ୍ରାହ୍ମଣଶାସନ ପ୍ରତିଷ୍ଠିତ । ଏହାର ଉଭୟ ତୀର ପୁନ୍ନାଗବନାକୀର୍ଣ୍ଣ । (୩) ଏହି ନଦୀ ସ୍ରୋତସ୍ୱତୀ ନ ହେଲେହେଁ ଏହି ଅଞ୍ଚଳରେ ଗୋଟିଏ ପ୍ରଧାନ ପୟଃପ୍ରଣାଳୀ ଅଟେ । ସଂତୀବାଦ ନିବାସୀ

Digitized by srujanika@gmail.com

ଦୟାତୀର ଧୀର ମୁନୀନ୍ଦ୍ର ଦଧୀଚି—
ଅଭିଷେକଫଳେ ପୂତ ଯାର ଖ୍ୟାତି, (୧)
ଭବତଳେ ବଭୁଦୟା ମୂର୍ତ୍ତିମତୀ,
ଧଉଳୀ ଦର୍ପଣ ଦୟା ସ୍ରୋତସ୍ୱତୀ;
ଭୁବନେଶ୍ୱରଙ୍କ କେଳି-ଉପବନ,
କଟଳସୂ-ତାମ୍ର-ଏକାମ୍ର-କାନନ
ଦ୍ରୁମରାଜି-ଗୁମ୍ଫା-ଅନ୍ଧାରେ ଯାହାର
ମୃଦୁ କଳନାଦେ ବହେ ସ୍ୱଚ୍ଛଧାର, (୨)
ନଦୀ-ମନ୍ଦାକିନୀ ଅମନ୍ଦଗାମିନୀ,
ରଣପୁର-ରାଷ୍ଟ୍ର-ବନ-ବିହାରିଣୀ,
ଏ ଆଦି ବିବିଧ ପୁଣ୍ୟତୀର୍ଥ ସଙ୍ଗ
ଲଭି ପରିପୁଷ୍ଟ ତୋର ନୀଳ ଅଙ୍ଗ,

ଜଣେ ପଣ୍ଡାର ଲକ୍ଷ୍ମୀନାମ୍ନୀ ଗୋଟିଏ ପରମାସୁନ୍ଦରୀ କନ୍ୟା ଥିଲା । ସ୍ୱୟଂ ଗୋପୀନାଥ ଏହି ସୁନ୍ଦରୀର ପ୍ରେମରେ ଆସକ୍ତ ହୋଇଥିବାର କିମ୍ବଦନ୍ତୀ ଅବଧି ପ୍ରଚଳିତ ଅଛି । ରାଧିକାଙ୍କ ସୁବର୍ଣ୍ଣ ପ୍ରତିମା ଗଠନାରମ୍ଭ ଦିନଠାରୁ ଲକ୍ଷ୍ମୀ ପୀଡ଼ିତା ହେଲା ଏବଂ ଯେଉଁ ଦିନ ସେହି ପ୍ରତିମାର ଜୀବନ୍ୟାସ ହେଲା, ସେହିଦିନ ଲକ୍ଷ୍ମୀର ପ୍ରାଣବିୟୋଗ ହେଲା ସତ୍ୟବାଦୀରେ ଅନେକ କୁରିଅନା ଗଛ ଅଛି । (୧) ଦଧୀଚି ମୁନି ଦୟାକୂଳରେ ତପସ୍ୟା କରିଥିବାରୁ ନଦୀର ନାମ ପ୍ରଥମେ ଦଧିଭଦ୍ରା ହୋଇଥିଲା । ଦଧିଭଦ୍ରାର ଅପଭ୍ରଂଶ 'ଦହିଆ' ଏବଂ 'ଦହିଆ'ର ଅପଭ୍ରଂଶ 'ଦୟା' ହୋଇଅଛି । ଐତିହାସିକ ଧଉଳୀ ପର୍ବତ ଦୟା ତୀରରେ ଅବସ୍ଥିତ ।

(୨) ଗନ୍ଧବତୀ ନଦୀ – ଦୟାର ଗୋଟିଏ ଉପନଦୀ ।

Digitized by srujanika@gmail.com

ନିଜେ ତୀର୍ଥେଶ୍ୱର ସର୍ବ ତୀର୍ଥାଶ୍ରୟ
ତୋ ସଙ୍ଗେ କରନ୍ତି ମାର ବନମୟ,
ପବିତ୍ର ସୁନ୍ଦର, ସୁନ୍ଦର ପାବନ,
ତୋ ଠାରେ ହୋଇଛି ଏହା ସଙ୍ଘଟନ;
ତେଣୁ ସିନା ତୋର ତୀର ଦୀପାବଳୀ
ଦେବ ଦେବୀଙ୍କର ପ୍ରିୟ ବାସସ୍ଥଳୀ;
ତେଣୁ ସିନା ତାରା, ଚଣ୍ଡୀ, ଭଗବତୀ (୧)
ସଗରେ ତୋ ତୀରେ ବାନ୍ଧିଲେ ବସତି,
ତେଣୁ ନାଗେଶ୍ୱର-ନିକୁଞ୍ଜ-ବିଳାସୀ (୨)
ପ୍ରଭୁ ଚଣ୍ଡେଶ୍ୱର ତୋ ତୀରନିବାସୀ ।
ତୋ ଦର୍ଶନେ ଶୁଦ୍ଧ ମନୁଷ୍ୟର ଚିତ୍ତ
ଦେଖେ କାଳେ ହୁଏ ଦୂର-ବିସ୍ତାରିତ,
ଅତୀତର ତୁହି ସାକ୍ଷୀ ପୁରାତନ,
ଦେଖିଲୁ ନଗର ଉତ୍ଥାନ ପତନ,
କେତେ ରାଜଧାନୀ ତୋ ତୀରେ ଉତ୍ଥିତ
ହୋଇ ତହିଁ ପୁଣି ହେଲେ ଅସ୍ତମିତ,

---

(୧) ଚିଲିକା ତୀରସ୍ଥ ପର୍ବତତଳେ ତାରାଦେବୀ ପ୍ରତିଷ୍ଠିତ । ଶ୍ରୀକ୍ଷେତ୍ରରୁ ୬ କୋଶ ଦୂରରେ ଗୋଟିଏ ଉଚ୍ଚ ବାଲୁକାସ୍ତୂପ ଉପରେ ହରଚଣ୍ଡୀ ଦେବୀଙ୍କ ଦେଉଳ ଅବସ୍ଥିତ । ଭଗବତୀ ବାଣପୁରର ଅଧିଷ୍ଠାତ୍ରୀ । (୨) ଏହି ମନ୍ଦିର ପୁରୀ, ଭୁବନେଶ୍ୱର ଏବଂ କୋଣାର୍କ ମନ୍ଦିରର ଚତୁର୍ଥସ୍ଥାନୀୟ ଅଟେ । ଏଠାରେ ଅସଂଖ୍ୟ ନାଗେଶ୍ୱର ବୃକ୍ଷ ଦେଖାଯାଏ ।

Digitized by srujanika@gmail.com

ଧୋଉଅଛୁ ତୋର ନୀଳ ଊର୍ମିମାଳ
ଏବେ ତାଙ୍କ କାଳ-ଚର୍ବିତ କଙ୍କାଳ,
କେତେ ରାଜା, କେତେ ଦିଗ୍‌ବିଜୟୀ ବୀର
ଆଲୋଡ଼ିଲେ ତୋର ସ୍ନିଗ୍ଧ ନୀଳ ନୀର,
ତୋ ଆକାଶ ପୂରି ଜୟବାଦ୍ୟ-ରୋଳେ,
ଉଡ଼ାଇ ବାନା ତୋ ପବନ-ହିଲ୍ଲୋଳେ,
ସଦମ୍ଭେ ବାହିଲେ ତୋର ବକ୍ଷେ ତରୀ
ଅକ୍ଷୟ ଯଶର ଆଶା ବକ୍ଷେ ଧରି,
ଅଭିଯାନେ ତାଙ୍କ ତରୀ ମେରୁଦଣ୍ଡେ
ଯେ ରେଖା ପଡ଼ିଲା ତୋର ନୀଳଗଣ୍ଡେ,
ସେହି ରେଖା ପ୍ରାୟେ ତାଙ୍କ ଯଶମାନ
ଜାତ ମାତ୍ରେ ସିନା ହେଲା ଅନ୍ତର୍ଦ୍ଧାନ !
ବୃଥା ହାଣି, ଆହା, ଲକ୍ଷ ଲକ୍ଷ ମଥା
କେତେଦିନ ପାଇଁ କଲେ କେତେ କଥା !
ଯଶରଙ୍କ ହୋଇ ପଦାଙ୍କ ସେ ବାରେ
ରଖି ପାରିଲେ କି ଯଶ-ପଦବୀରେ
ସୁଲଭ ଯେ ଲକ୍ଷ ବନ୍ଧକୁଳଯଶଃ,
କାଳ କି ସେ ଲକ୍ଷେ କେବେ ହୁଏ ବଶ ?

ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା,
ତୋର ଖିରେ ଯବ ଶ୍ରୀମନ୍ତ ମାଣିକା—
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଭାବଗ୍ରାହୀ ପ୍ରଭୁ ଭକ୍ତଚିନ୍ତାମଣି,

Digitized by srujanika@gmail.com

ଦିନେ ତୋର ତୀରେ ବସି ନିକାଞ୍ଚନେ
କାଞ୍ଚିଯାତ୍ରା କଥା ପଡ଼ିଗଲା ମନେ,
ସ୍ୱପ୍ନ ଭାସି କାଳସ୍ରୋତ ପ୍ରତିଲୋମେ
ଦେଖିଲି ଅମଳ ବିରାଜିତ ବ୍ୟୋମେ;
ଧରନ୍ତ କଳ୍ପନା ନାମ ସେ ସୁନ୍ଦରୀ,
ବୀଣାପାଣିଙ୍କର ଚିରସହଚରୀ;
ଭକ୍ତିଭାବେ ତାଙ୍କୁ କଲି ଆରାଧନା,
ଦିବ୍ୟଚକ୍ଷୁ ମୋତେ ଦେଲେ ଚନ୍ଦ୍ରାନନା,
ଦେଖିଲି ଦୃଶ୍ୟ ମୁଁ ବସି ତୋର ତଟେ,
ଲିଖି ରହିଛି ଯା ସଦା ସ୍ମୃତିପଟେ;
ସମୀରେ ଅଞ୍ଚଳ-ମାଳା ସ୍ଫୀତ କରି
ଦକ୍ଷିଣୁ ଆସିଲା ଶତ ଶତ ତରୀ,
ତହିଁରେ ଆସୀନ ସୈନିକନିକର;
ସୌରକରେ ବର୍ମ ଆୟୁଧ ଭାସ୍କର,
ସ୍ୱର୍ଣ୍ଣ-ସୁଦର୍ଶନ-ଲାଞ୍ଛନେ ଲାଞ୍ଛିତ
ଲୋହିତ ପତାକା ବାତେ ଆନ୍ଦୋଳିତ,
ତାଳେ ତାଳେ ପଡ଼େ ତୋ ବକ୍ଷେ କ୍ଷେପଣୀ
ଉଠଇ ଗମ୍ଭୀରେ ଜୟଗୀତଧ୍ୱନି,
ମଧ୍ୟେ ଶୋଭେ ତରୀ ଅତି ମନୋହର,
ଗଜଦନ୍ତେ ଗଢ଼ା ଯାର କଳେବର,
ରଙ୍ଗ ଚନ୍ଦ୍ରାତପ ସ୍ୱର୍ଣ୍ଣ ତାରକିତ
ସ୍ଫଟିକ ଯଷ୍ଟିରେ ଊର୍ଦ୍ଧ୍ୱେ ବିଳମ୍ବିତ,

Digitized by srujanika@gmail.com

ଚନ୍ଦ୍ରାତପ ତଳେ ଝୁଲଇ ମଞ୍ଜୁଳ—
ଝାଲର ତଗ୍ଏ ତଥ ସଙ୍ଗେ ଫୁଲ,
ତନ୍ୱୀଁ ସିଂହାସନେ ସୁନ୍ଦରୀ ଆସୀନା,
ଜଗତେ ତୁଳନା ସେହି ତାର ସିନା !
ପାରିଜାତକୁଞ୍ଜେ ଇନ୍ଦିରା ସୁନ୍ଦରୀ,
ସମୁଦ୍ରମନ୍ଥନୁ ବାହାରିଲା ପରି,
ମ୍ଳାନ ମୁଖଚନ୍ଦ୍ର ବିଷାଦ-ରେଖାରେ,
ଭ୍ରୂଲତା ଅଙ୍କା କି ଲଜ୍ଜା-ତୂଳିକାରେ ?
ଭ୍ରୂମଧ୍ୟେ କୁଙ୍କୁମ ବିନ୍ଦୁ ସୁମଧୁର,
ବେନି କର୍ଣ୍ଣେ ଶୋଭେ ମଣିକର୍ଣ୍ଣପୁର,
ବୈଚିତ୍ର୍ୟେ ଦ୍ୟୁତି ବଢ଼ାଇ ବିଶେଷେ
କୃଷ୍ଣ କେଶପାଶ ଦୋଳେ ପୃଷ୍ଠଦେଶେ,
ଗନ୍ଧାମୋଦେ ଅନ୍ଧ ହୋଇ ଅଳିକୁଳ
ଗୁଞ୍ଜରି ବାମାକୁ କରନ୍ତି ଆକୁଳ,
ବରଭୁଜେ ଗୃଳ ଲୀଳା-ଅରବିନ୍ଦ
ସନ୍ତ୍ରମେ ସୁନ୍ଦରୀ ଛଡ଼ଇ ମିଳନ୍ଦ,
ମଣ୍ଡାଇ ହୁମାଳ ନେତ୍ର ପଙ୍କଜାସ୍ୟ
ଅପାଙ୍ଗ-ମନ୍ତ୍ରେନ ଚଳଭୂରୁ-ଲାସ୍ୟ,
ବରଭୁଜେ ଧରି ରଜତ କ୍ଷେପଣୀ
ତରୁଣୀଏ ମିଳି ବାହାନ୍ତି ତରଣୀ,
କ୍ଷେପଣୀ-କ୍ଷେପଣେ ତୋହରି ସଲିଳେ
ହୀରକର ଉତ୍ସ ଉଠିଲା ସଲିଳେ,

Digitized by srujanika@gmail.com

ସୁନ୍ଦରୀର ନେତ୍ର-ଶୋଭା ଅନୁକରି
ତୋ ଜଳେ ସ୍ଫୁରିଲେ ରଜତ ସଫରୀ,
ନୀଳିମାରେ ବାମା ଗୁରୁ କେଶପାଶ
ତୋ ନୀଳ-ଶୈବଳ କଲା ଉପହାସ.
ତେଣୁ କି ତରଙ୍ଗ ଅପମାନଭୟରେ
ଶିର ପିଟୁଥିଲେ ତରଣୀ-ପଞ୍ଜରେ ?
କାମିନୀ-ଚିକୁରେ କୁସୁମ-ମୁକୁଟେ
କମଳ ପାଖୁଡ଼ା ବାଟେ ପଡ଼େ ଉଠେ;
ସୁନ୍ଦରୀର ତନୁ-ସମ ବିଭୂଷିତ,
ଗଜଦନ୍ତେ ଗଢ଼ା ଅପର ବୋଇତ,
ସମସଂଖ୍ୟା ଯୁବା କର୍ମୋତ୍ଫୁଲ୍ଲ ଅଙ୍ଗ
ତକ୍ଷଦନ୍ତେ (୧) ରଙ୍ଗେ କାଟନ୍ତି ତରଙ୍ଗ,
ତଥିପରେ ମଣ୍ଡିଛନ୍ତି ସିଂହାସନ,
ଯୁବା ଦେବାକୃତି, ସିଂହ-ସଂହନନ;
ବଦନଶ୍ରୀ ତେଜ-ଗାମ୍ଭୀର୍ଯ୍ୟ-ବ୍ୟଞ୍ଜକ,
କୃପାଣ ପାଣିରେ କରେ ଜକଜକ,
ମୂର୍ତ୍ତି ପରିଗ୍ରହି ଉଦେ କି ସାହସ ?
କିମ୍ବା କ୍ଷାତ୍ର ଧର୍ମ କିମ୍ବା ବୀରରସ ?
ଋଷିକୁଲ୍ୟା ତଟୁଁ ସୁବର୍ଣ୍ଣତଟିନୀ—
ଯାଏ ଗୁମ୍ଫା ଯାର ବ୍ୟାପଇ ମେଦିନୀ,

---

(୧) ତକ୍ଷଦନ୍ତ—କ୍ଷେପଣୀ

Digitized by srujanika@gmail.com

ତୀର ପରେ ଶୋଭ୍ୱା ସେହ୍ୱା ସ୍ୱର୍ଣ୍ଣଛତ୍ର,
ବହ୍ନାଇ ଦେଉଛି ଉତ୍କଳର ପତି;
ଘାଟେ ଦୁର୍ଗଶିରେ ଶସ୍ତ୍ର କରେ ଧରି
ଦେଖୁଥିଲେ ଦୃଶ୍ୟ ସମ୍ଭ୍ରମେ ପ୍ରହରୀ,
ତୀରବାସୀ ଯେତେ ସାମନ୍ତ ପ୍ରଧାନ
ଉଗସ୍ତ ସମ୍ବାଦେ ଆଗୁଁ ସାବଧାନ
ହୋଇ ଦଳେ ଦଳେ ଥିଲେ ଉପସ୍ଥିତ,
ଦେଖି ବାନା ବସ୍ତ୍ର-ଆୟୁଧ-ଲାଞ୍ଛିତ,
ମସ୍ତକ ନୁଆଁଇଁ ସର୍ବେ କଲେ ନତି,
ପାଶେ ଆସିବାରୁ ତରଣୀପଙ୍କତି,
ଗାଇଲେ ମଧୁରକଣ୍ଠେ ବନ୍ଦିଦଳେ
"ହେ ବିଶ୍ୱସୁନ୍ଦରି ! ସ୍ୱାଗତ ଉତ୍କଳେ,
ଜୟ କାଞ୍ଚିଜେମା ବିଶ୍ୱମନୋରମା,
ବିରିଞ୍ଚିସୃଷ୍ଟିରେ ଶୋଭାର ଉପମା,
ତୁମ୍ଭ ଆଗମନେ ପବିତ୍ର ଉତ୍କଳ,
ଜାହ୍ନବୀ ପରଶେ ଯେହ୍ନେ ଧରାତଳ,
ଶୋଭିବ ଉତ୍କଳ ସଦ୍ୟେ ସଦାଶ୍ରୟା,
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା ।
ଜୟ ଅରିନ୍ଦମ ଶ୍ରୀପୁରୁଷୋତ୍ତମ,
ବନ୍ଦେ ତୁମ୍ଭେ ବିଶ୍ୱ-ରକ୍ଷା-ବ୍ରତ-କ୍ଷମ,
ଲଭିଲ ଦେଖାଇ ଜଗତେ ଯୋଗ୍ୟତା
ସନ୍ନିଧ୍ୟାରୂପେ ଏ ରୂପ-କଳ୍ପଲତା,

Digitized by srujanika@gmail.com

ସୁନ୍ଦର ମଧୁର ଦେବଙ୍କ ମିଳନ—
ଶୌର୍ଯ୍ୟ ସଙ୍ଗେ ଆହା, ସୌନ୍ଦର୍ଯ୍ୟ ଯେସନ;
ତାରା ସଙ୍ଗେ ଏବେ ମିଳିଲେ ଚନ୍ଦ୍ରମା,
ଶ୍ରୀପତି ସହିତେ ଲୋକମାତା ରମା;
ଦେବଙ୍କ ସୃଜନେ ଚରମ କୌଶଳ
ହେଲା ଦେବଙ୍କର ମିଳନେ ସଫଳ ।”
ବନ୍ଦାପନା ଅନ୍ତେ ବାଦ୍ୟଶବଦ
ଉଠିଲା କମ୍ପାଇ ମହୀ, ଋକ୍ଷପଦ,
ସ୍ୱରେ ଗିରିଗୁହା ଯୋଗ ଦେଲେ ତହିଁ,
ସମୀର ନେଲା ତା ଦିଗେ ଦିଗେ ବହି,
ସେ ଉତ୍ସବେ ହୋଇ ହରଷେ ଉଛୁଳ
ଚିଲିକା ! ତୋ ଧାରି ତହିଁ ଦେଲେ ତାଳ,
ସେ ଘୋର ଆଘାତେ ଭାଙ୍ଗିଗଲା ଧ୍ୟାନ
ଧ୍ୟାନ ସଙ୍ଗେ ଦୃଶ୍ୟ ହେଲା ଅନ୍ତର୍ଦ୍ଧାନ,
ଜାଣିଲି ସେ ସବୁ କଳ୍ପନା କୌଶଳ,
ଫେଡ଼ିଲେ ନୟନ ଦେଖିଲି କେବଳ
ଅନନ୍ତ-ନୀଳିମା-ଦ୍ୟୁତି-ବିଭୂଷିତ
ତୋ ଅମର ସତ୍ତା ଅଗ୍ରେ ବିରାଜିତ ।

ରୁଦ୍ର ମୂର୍ତ୍ତି ତୋର ରଖୁ ତୁ ଯୋଡ଼ାଇ
ଦୁରନ୍ତ ଉତ୍କଳ-ପଲ୍ଲୀ ପାଇଁ,

Digitized by srujanika@gmail.com

ସୂର୍ଯ୍ୟକାନ୍ତ ଯଥା ପରଶେ ଶୀତଳ,
ତେଜସ୍ୱୀ ଦର୍ଶନେ ହୁଏ ଉର୍ଜସ୍ୱଳ,
ଶତ୍ରୁ ଦେଖି ତୁହି ସେ ରୂପେ ଚିଲିକା,
ପ୍ରକଟୁ ପ୍ରଚ୍ଛନ୍ନ ଶକ୍ତି ମାରାତ୍ମିକା;
ସେହି ମୂର୍ତ୍ତି ତୋର ଉତ୍କଳେ ଚଢ଼ାଉ—
କରି ଦେଖିଥିଲା ଦୈତ୍ୟ ରକ୍ତବାହୁ,
ତମୋଗୁଣେ ଭଜ ଆୟୁଧ ପିଶାଚୀ
ମନୁଷ୍ୟକୁ ଯେହୁ ମଣିଥିଲା ମାଛି,
ଉତ୍କଳପତନ କରି ଭସ୍ମୀଭୂତ,
ନରରକ୍ତେ ଧରା କରି ପରିପ୍ଲୁତ,
ସର୍ବରତ୍ନପ୍ରସୂ ଭାରତର ସାର
ହଠେ ଲୁଟି କରି ଶ୍ରୀ କୋଠଭଣ୍ଡାର,
ବିଜୟ-ଉଲ୍ଲାସ-ମଦେ କାନ୍ଧି ଚିତ୍ତ
ବାହୁଡ଼ିଲା ଯେବେ ସ୍ୱଦେଶେ ମହାସ୍ତ
ତା ଉଲ୍ଲାସ-ଗୀତ ତୋହର ପ୍ରତାପେ
ପରିଣତ ହେଲା ପଲକେ ବିଳାପେ !
ଉତ୍ତରଚେଳ ଯାଇ ଓଗାଳିଲୁ ବାଟ,
ଆକାଶ, ପାତାଳ ଗୁଡ଼ିଲେ କୁହାଟ,
କାଳୀଜୟୀ ଶୈଳେ ଦେଖା ହୈମବର୍ଣ୍ଣ
ଉଗ୍ର ହୋଇ କଲେ ସଙ୍କେତ ତୋ ପ୍ରତି
ଫିଙ୍ଗି ତୋ ତରଙ୍ଗେ ସୁବର୍ଣ୍ଣ ତ୍ରିଶୂଳ,
ସେ ସଙ୍କେତେ ଫେନଚୂଡ଼ ଉର୍ମିକୁଳ,

Digitized by srujanika@gmail.com

ଜଟ୍‌କେଶର ଦେବୀ-ବାହନ କେଶରୀ
ପ୍ରାୟେ ଦଉଡ଼ିଲେ ଗ୍ରାସିବାକୁ ତରୀ,
ତୋ ଇଙ୍ଗିତେ ସଙ୍ଗେ ଫେନ ଉର୍ମିଥାଟ
ଦଉଡ଼ି ଆସିଲେ ମାଳାମ୍ବୁ-ସମ୍ରାଟ,
ବିଶ୍ୱ-ଧ୍ୱଂସି-ରୁଦ୍ର-ପ୍ରଖର-ନିଶ୍ୱାସ
ପରାୟେ ବହିଲ ବାୟୁ ଅଣଞ୍ଚାଶ;
ଦୈତ୍ୟହନ୍ତା ବଜ୍ରୀ ଶ୍ୟାମ-ବଜ୍ର-କରେ
ଜୀମୂତ-ବାହନେ ଉଇଁଲେ ଅମ୍ବରେ,
ଦମ୍ଭୋଳି ସେକାଳେ କଲା ଘୋର ଧ୍ୱନି,
ଥରହର ହୋଇ କମ୍ପିଲା ଅବନୀ,
ଥର ହର କମ୍ପି ଅବନୀ ସଙ୍ଗତେ
ପର୍ବତକୁ ଉକା ଛୁଡ଼ିଲେ ପର୍ବତେ;
ଖେଚର କମ୍ପିଲା ଶୋକ ଶଙ୍କ ପାଇ,
ଗଲା ସେ ଆରବ ଶୃଙ୍ଗୁ ଶୃଙ୍ଗେ ଧାଇଁ,
ତୋ ଉରଦର୍ପଣେ ସଘନେ ବିମ୍ବିତ
ହୋଇ ଚମକିଲା ଜୀମୂତେ ତଡ଼ିତ,
ଦେଖାଇ ଦେଲା ତୋ ସଂହାରମୂରତି
ପ୍ରକୃତିର ସେହି କରାଳ ଆକୃତି, (୧)

---

(୧) ଲେଖକ ସ୍ୱୟଂ ଥରେ ନିଶୀଥ ସମୟରେ ଚିଲିକାର ଗଭୀରତମ ଏବଂ ବିଷମସଙ୍କୁଳ ଅଂଶ କାଳୀଜାଈ ଗଣ୍ଡରେ ନୌକା ଯୋଗେ ଯାଉଁ ଯାଉଁ ଭୟଙ୍କର ଝଟିକା ନିବନ୍ଧନ ପ୍ରାଣସଂଶୟରେ ପଡ଼ିଥିଲେ ।

Digitized by srujanika@gmail.com

ଯା ଦେଖି ଆତଙ୍କେ ଦୈତ୍ୟ-ଆଖଣ୍ଡଳ
ବିଫଳ ମଣିଲା ନିଜ ଭୁଜବଳ,
ତା କୃପାଣୁଁ ଅସ୍ତ୍ର ଶକ୍ତ ବଳବାନ,
ଅକାଳେ ଏ ଜ୍ଞାନ ଲଭିଲା ଅଜ୍ଞାନ,
ଜାଣିଲା ତୋହର କଣାଧାରେ ଶିଖି
ଦୈବ ନ ଡରଇ ନର ଭ୍ରୂକୁଟିକି;
ତସ୍କ ଧର ଉର୍ମି ଫେନ-ଅଟ୍ଟହାସେ
କନ୍ଦୁକ ପରାୟେ ଫିଙ୍ଗିଲେ ଆକାଶେ;
ହାହି ହାହି ଡକା ପାଶ ଧର୍ମଦ୍ରୋହୀ
ଦଳ କାହିଁ ପଡ଼ିଲେ ଛିନ୍ନଭିନ୍ନ ହୋଇ,
ସବେ ହୋଇଗଲେ ନିର୍ମୂଳ ନିଃଶେଷ,
କେହି ନ ରହିଲେ ଦେବାକୁ ସନ୍ଦେଶ !
କାହିଁ ଗଲା ସେହି ବିଜୟ ଉତ୍ସବ ?
ଭାସିଲା ତୋ ବକ୍ଷେ ବିଜୟୀଙ୍କ ଶବ !
ଆସିଥିଲେ ମ୍ଳେଚ୍ଛ ଉତ୍କଳର ବିତ୍ତ,
ବହିଲେ ଉତ୍କଟ ତାର ପ୍ରାୟଶ୍ଚିତ୍ତ !
ଭ୍ରୂ-ଭଙ୍ଗରେ ଯାଙ୍କ କମ୍ପିଲା ଭୂତଳ,
ମକ୍ଷି ତଡ଼ିବାକୁ ଏବେ ନାହିଁ ବଳ !
ତ୍ରିସପ୍ତ-ଭୁବନ ଯେ ମଣିଲେ ଅଳ୍ପ
ଆଶ୍ରିଲେ ସେ ସପ୍ତ ଗୃଖଣ୍ଡର ତଳ୍ପ ।

Digitized by srujanika@gmail.com

ପାଞ୍ଚଲେଣି ଏବେ ଦେବ ବଜର୍ଦନ
ଅଚଳର ଶିଖରେ ସ୍ୱର୍ଣ୍ଣ-ସିଂହାସନ,
ଠାଠେ ଠାବେ ଗୁଣ୍ୟା ପଡ଼ଣ ଶଇଳେ
ହରିତ ହୋଇଛି ପରଣତ ମାଳେ
ଗଳ-ଘଣ୍ଟେ ନାଦ ଗିରି-ତଟଦେଶ
ବାହୁଡ଼ନ୍ତ ପଲେ ପଲେ ଗୃହ ମେଷ,
ମନ୍ଦ୍ରଷ-ଟିପାଇ ଗୁରୁ ଗୁରୁ ଧ୍ୱନ—
ଘୋଷେ ମୁଖରିତ ଅରଣ୍ୟ-ସରଣୀ,
ଗୋଷ୍ଠୁ ଧୂମରେଖା ଉଠି ଗିରି-ପାଦେ
କୁଞ୍ଚିତ-ଗତିରେ କାନନ ଆଚ୍ଛାଦେ,
କଳରବେ ଏଗ (୧) ଉଡ଼ଣ ହ୍ରଦରୁ
ଅରଣ୍ୟେ ଲେଉଟନ୍ତ ଯେଝା ମାଡ଼-ତରୁ,
ପୀତ-ଅସ୍ତ-କର ହେବାରୁ ପତିତ
ଡେଣା ଦିଶେ ଯେହ୍ନେ ସୁବର୍ଣ୍ଣମଣ୍ଡିତ,
ଉହ୍ନରାଜ ବୃଣି ବର୍ମ୍ମ ଅନ୍ତରାଳେ
ବୁଡ଼ିଲେ ମିହିର ଘନେର ଉଚ୍ଛାଳେ,
କେତେ ଯତ୍ନେ, ଆହା କାଦମ୍ବିନୀ ଧନୀ
ବସ୍ତ୍ରାଞ୍ଚଳେ ବାନ୍ଧି ନେଉଛି ସେ ମଣି !
ଧରଣୀ-ବଦନେ ପୀତ ଅସ୍ତରାଗ
ବୋଳି ଦେଇଛି କି ସୁବର୍ଣ୍ଣପରାଗ ?

---

(୧) ଚଲ୍ଲିକାବହ୍ରାସ୍ଥ ପକ୍ଷୀ ବିଶେଷ । ଏହାର ଶୁଭ୍ର ପକ୍ଷକୁ ପାଇକମାନେ ଭୂଷଣ ସ୍ୱରୂପ ଟୋପରରେ ଲଗ୍ନ କରନ୍ତି ।

Digitized by srujanika@gmail.com

ଶାରଦ-ବନାନ୍ତ-ଲକ୍ଷ୍ମୀ ଲୀଳାମୟୀ
ପ୍ରକାଶନ୍ତ କେତେ ନବ ନବ ଛଇ,
ବିଶାଳ ଭାଲେର ସ୍ୱଚ୍ଛ ଜଳ ସ୍ଥଳ
ଆବରଇ ତମେ ବ୍ୟାପି ପୂର୍ବାଞ୍ଚଳ;
ପୀତ ଅସ୍ତାତପ ଦ୍ୱୀପଶୈଳ ମାଥେ
ଲିଭିଗଲା ସେହି ମହା ସ୍ୱଚ୍ଛ ପାଟେ,
ପଡ଼ିଲା ଚିଲିକା-ବକ୍ଷେ ସନ୍ଧ୍ୟାଲୋକ,
ଶୋକେ ବଧି ଗୁଣ୍ଡ଼ି ଦୂରେ ଗଲା କୋକ;
ସନ୍ଧ୍ୟାରାଗ ହେଉ ହ୍ରଦ-ମନୋରସେ
ଭାସଇ ଏ ଭବ ଭାବୁକ ମାନସେ,
ପ୍ରଚେତା-ପ୍ରବାଳ-ପ୍ରାସାଦର ରୁଚି
ମୀନ-ମରୁ ଅବା ଫୁଟି ବାହାରୁଛି !
କୂଳେ, ଦ୍ୱୀପେ, ଶୈଳପାଦପେ ବିହଙ୍ଗେ
ଉଡ଼ିଯାଇ ବସୁଛନ୍ତି ନାନାରଙ୍ଗେ,
ପଶ୍ଚିମା ସନ୍ଧ୍ୟାର ବନ୍ଦାପନା ପାଇଁ
ଯତଏ ଆସନ୍ତି ଶଇଳୁଁ ଓହ୍ଲାଇ,
ପୂର୍ଣ୍ଣ ପ୍ରାଚେତସୀ (୧) ବର୍ଣ୍ଣ ବଇଭବେ
ମିଶେ ଦିବା ଯହିଁ ଭୂତ-ମହାର୍ଣ୍ଣବେ,
ଏଣେ କରେ ବୋଳି ଅମର-ସରଣୀ
ବିରଜନ୍ତି ଚନ୍ଦ୍ରଚୂଡ଼-ଚୂଡ଼ାମଣି,

(୧) ପ୍ରାଚେତସୀ—ପ୍ରଚେତା ଅର୍ଥାତ୍ ବରୁଣାଧିଷ୍ଠିତ ପଶ୍ଚିମ ଦିଗ ।

Digitized by srujanika@gmail.com

ଛାୟାଟିଏ ରାଜ ଛାୟାପଟ୍ଟ ପାଶେ
ବେନଏ କରନ୍ତି ରାଜ୍ୟ ଅର୍ଦ୍ଧାକାଶେ,
ବାଳ ଜ୍ୟୋସ୍ନା-ଯୋଗେ ଧୌତ ପୌରନ୍ଦରୀ (୧)
ସ୍ମରଜ ମୁଖେ ବୋଳି ହେଲି ପରି,
ଯେଝା ରୂପଶୋଭା ବିପଣିରେ ବସି
ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ,
ଚନ୍ଦ୍ରାଲୋକେ ଧୌତ ପୂର୍ବାକାଶ, ପୁନଃ
ବାରୁଣୀ ଆକାଶ କୁଙ୍କୁମେ ଅରୁଣ,
ଅର୍ଦ୍ଧାଙ୍ଗ ଈଶ୍ୱର, ଅର୍ଦ୍ଧାଙ୍ଗ ପାର୍ବତୀ
ପ୍ରାପ୍ତ ଦିଶେ ଶିବ ବ୍ୟୋମର ମୂରତି,
ଦିଗ୍‌ବଳୟବ୍ୟାପୀ ନୀଳ-ଜଳାରଣ୍ୟେ
ରଞ୍ଜିଲା ଚନ୍ଦ୍ରିକା ନିଜ ଶୁଭ୍ର ବର୍ଣ୍ଣେ,
ପ୍ରାଚୀମୂଳ ଏବେ ମୀନଗନ୍ଧ-ନାବେ
ଗୁପ୍ତାକାରେ ଶିବ ଦିଶେ ଠାବେ ଠାବେ,
ମତ୍ସ୍ୟ ଧରି ସେତୁ ସମୁଦ୍ର ମନ୍ଥାଣେ
ନିଜ ଗୂଢ଼କଥା ଭାବି ଏକଧ୍ୟାନେ,
ଭଟଲରି ଶିଖରେ ସଂଧ୍ୟା ଛାୟା ଦେଖି
ଆସନ୍ତି ପଛିକା (୨) ମହୋଲ୍ଲାସେ ଟେକ,

---

(୧) ପୌରନ୍ଦରୀ—ପୂର୍ବଦିଗ ।
(୨) ପଛିକା—ପାଲ ।

Digitized by srujanika@gmail.com

ତାଙ୍କ କଣ୍ଠୁ କବିସୂର୍ଯ୍ୟ-ଗୀତାମୃତ (୧)
ଦୂରୁଁ ବହିଆଣେ ଚିଲିକା-ମାରୁତ,
ଉଲ୍ଲାସର ଆତ୍ମା ପ୍ରାପ୍ତେ ଗୀତି ତାନ
ହ୍ରଦ ମାନ ବକ୍ଷେ କରେ ଅଧିଷ୍ଠାନ,
ବସନ୍ତ ଚୌଦିରେ ମଧୁର-ହାସିନୀ,
ଦିଗଙ୍ଗନା ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ,
ଭାବାନ୍ତର ପୁଣି କ୍ଷଣେ କରେ ଜାତ
"ଗଲିଣି ତ ଗଲ୍ପ କଥା ରେ ସଙ୍ଗାତ,"
ସଙ୍ଗୀତ ଆବେଗେ ନାନାରୂପେ ମନ
ଅଷ୍ଟଦ୍ରୁ ସୁଦେଶେ କରେ ବିଚରଣ,
ଭୁଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲୋଡ଼ିବା ଆଶେ ସେହି ତା ନ ଜାଣେ,
ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି
ଏ ଲୀଳା ରଚନ୍ତି ଦେବୀ ବାଗୀଶ୍ଵରୀ;

---

(୧) କବିସୂର୍ଯ୍ୟ ବଳଦେବ ରଥ । ଉତ୍କଳ ସାହିତ୍ୟବିତ୍‌ମାନଙ୍କ ଠାରେ ଏ ମହାତ୍ମା ସୁପରିଚିତ । ଏହାଙ୍କର ଗୀତାବଳୀ ଏଅଞ୍ଚଳରେ ପ୍ରାୟ ସର୍ବତ୍ର ଗୀତ ହୁଏ । ବଳଦେବ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଏହାଙ୍କର ରଚନା ଅତି ବିଶୁଦ୍ଧ ଏବଂ ସୁରୁଚିସମ୍ପନ୍ନ । ବଳଦେବ ଅନ୍ୟାନ୍ୟ ଉତ୍କଳକବିଙ୍କ ପରି ବ୍ୟାକରଣର ଅବମାନନା କରି ନାହାନ୍ତି । "ଗଲିଣି ତ ଗଲ୍ପ କଥା ରେ ସଙ୍ଗାତ" ଏହା ବଳଦେବଙ୍କର ଗୋଟିଏ ସୁନ୍ଦର କରୁଣରସାତ୍ମକ ଗୀତର ଘୋଷା ।

Digitized by srujanika@gmail.com

ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ,
ତୁମ୍ଭ ମାଟିଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ !
ମୀନ-ଆକର୍ଷଣ ଆଶେ ପୋତପାଳ
ତରଣୀରେ ଜାଳି ଦେଲେଣି ମଶାଲ,
ଭବେ ପାପମୂର୍ତ୍ତି ପରି ଅଟଇ ସେ,
ସ୍ୱର୍ଣ୍ଣେ ମାସ୍ମୃକ, ରୂପେ ରମ୍ୟ ଦିଶେ,.
ପାପଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ,
ତଥିଗର୍ଭେ ମୀନ ଡେଇଁ ଦେବେ ପ୍ରାଣ;
ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ,
ଦୁଃଖୀ ମନେ ଆଶା ଉତ୍ଥାନ ପତନ
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ;
ନିଶାଗମେ କ୍ରମେ ଲୋକକୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ;
ଜଳ ସ୍ଥଳ ନଭଃ ଜ୍ୟୋସ୍ନା-ପରିପ୍ଲୁତ,
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,
ପ୍ରତିବିମ୍ବବ୍ରଜ ଦ୍ୱୀପ-ଶୈଳ-ତଳେ
ସ୍ପଷ୍ଟାକାରେ ଶୋଭେ ହ୍ରଦ ଅନ୍ତସ୍ତଳେ,
କ୍ଷୀରୋଦ-ସୋଦର-ଜ୍ୟୋସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି,

Digitized by srujanika@gmail.com

ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଲେ
ଜକଜକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ,
ସର୍ପେ ଶିର ଚନ୍ଦ୍ରଚୂଡ଼ ତନୁ ଭଳି
ଜ୍ୟୋତ୍ସ୍ନା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବ ଗିରି ବନଦେଶ,
ନାହିଁ ଏଥି ନର ଚଞ୍ଚଳର ଲେଶ,
ଦୂର ଝରନାଦ, ଝିଙ୍କାରି-ଝଙ୍କାର
କରେ ନଶୀଥିନୀ ପ୍ରଭାବ ପ୍ରଚୁର,
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭବନ (୧)
ବର୍ଣ୍ଣନାତୀତ ଅପୂର୍ବ ଦୃଶ୍ୟ ସାଯ୍ୟନ୍ତନ
ଅଟେ ସର୍ବଶୋଭା-ସୀମନ୍ତର ଟୀକା,
ପ୍ରକୃତିର ଚିତ୍ର ଆଲେଖ୍ୟ-ଶାଳିକା,
ଏ ସୁଖର ମୂର୍ତ୍ତି ନୁହଇ ଭଜନ,
ମୋ ଭାଗ୍ୟେ ଏ ଦିନା ଭଙ୍ଗୁର ସ୍ୱପନ,
ସଂସାର କଗଡ଼େ ସଂସାର-କାରାରେ
ଯାପିବି ଜୀବନ ସଦା ହାହାକାରେ !
ବନ୍ଦୀ କାରାଗୃହେ ସ୍ମରୁଥାଇ ଯଥା
ଚିରହୃତ ତାର ପୂର୍ବ ସ୍ୱାଧୀନତା,

(୧) ଶୋଭବନ—ସୁନ୍ଦର । ହିନ୍ଦୀ ଶୋହାବନ୍ ଶବ୍ଦର ଅପଭ୍ରଂଶ ।

Digitized by srujanika@gmail.com

ସଂସାର-ନରକେ ଅଙ୍ଗ ଦେଇ ଢାଳି
କରିବି ଏହାକୁ ସ୍ମୃତିର ସଙ୍ଗାଳି !
ମାଗୁଛି ଚିଲିକା, ମେଲାଣି ତୋଠାରେ,
ବାହୁଡ଼ିବି ଏବେ ଦାରୁଣ ସଂସାରେ,
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମ ତଟରେ ପଶ୍ଚିମ ଜୀବନ,
ବିନା ପ୍ରୟାସରେ ସୌନ୍ଦର୍ଯ୍ୟ-ପିପାସା
ମେଣ୍ଟିବାର ଥିଲ ତୋହଠାରେ ଆଶା,
ଭାଗ୍ୟ ହୋଇଥିଲେ ରୁଚି ଅନୁକୂଳ
ଆଶ୍ରିଥାନ୍ତି ମୁହିଁ ତୋର ରମ୍ୟ କୂଳ,
କୁଟୀର ବିରଚି ଜଟିଆ ଚରଣେ
କାଟିଥାନ୍ତି ଆୟୁ-ଶେଷ ନିକାଞ୍ଚନେ,
ମାତ୍ର ପରିଣାମେ ଦୁଷ୍ଟା ବାଜିବତ
ଆଶାରେ ସେ ଆଶା ହେଲା ପରିଣତ,
ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗତେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ,
ହସି ଖେଳି ସେହୁ ଗମନ୍ତି ସମୟେ
ଜୀବନ ମଣନ୍ତି ମହୋତ୍ସବମୟେ,
ଦୁରଂ ଭାଗ୍ୟ ମୋର ପିଣ୍ଡିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ,

Digitized by srujanika@gmail.com

ଚିର ହାହାମୟ ଏ ସ୍ଥିର ଜୀବନ,
ଜୀବନ ନୁହଇ ଜୀବନ୍ତ ମରଣ !

ଚିରଦିନ ଦୁଃଖ-ପ୍ରହାରେ ଜର୍ଜର
ପଢ଼ିଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର,

ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ,

ସୁଖ ବୋଲି ଯାକୁ ବୋଲଇ ସଂସାର
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର,

ସୁଖରୂପେ ଯାହା ଜନନେତ୍ରେ ପଶେ
ହାତେ ଆସେ, ହାତୁଁ ପଡ଼ିବାପାଇଁ ସେ,

ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟ ନାମ ତାର ଆକାଶକୁସୁମ,

ତୃଷାହର ସ୍ଖଳନେ ମୃଗତୃଷ୍ଣା ପ୍ରାୟେ
ମନୋମୃଗକୁ ସେ ଜଗତେ ଭ୍ରମାଏ,

ସେ ସୁଖେ ନ ଥିଲା କେବେ ମୋର ସ୍ପୃହା
ଲକ୍ଷ୍ୟ ଥିଲା ମାତ୍ର ତୋର ଶିରଗୁହା,

ଶାନ୍ତରସାସ୍ପଦ ସେସ୍ୱି ଦଣ୍ଡକୋଳେ
ବାଗ୍‌ଦେବୀ ଚରଣ ପୂଜିବ ନସ୍ୱେଳେ,

ପୂଜିଲେ ଯେସନେ ମତ୍ତି ନରଜନେ
ତୋ ମଧୁର-ରୂପ-ମଧୁ-ଆସ୍ୱାଦନେ,

Digitized by srujanika@gmail.com

ଭାଗ୍ୟବାନ ବେନ୍ନ ବାଣୀଙ୍କ କୁମର —
କବି ବଳଦେବ, ଭଞ୍ଜ ବୀରବର, (୧)
କାହିଁ ସେହି, କାହିଁ ମୁହିଁ ଅକିଞ୍ଚନ ?
ଦେଖୁଥିଲି ସିନା ଜାଗ୍ରତ ସ୍ୱପନ !
ଅଶାମଦେ ମତ୍ତ ହୋଇ କେତେ ଥର
ପୂରାଇଲି ମନ-ମୋଦକେ ଉଦର,
ନ ଦେଖି ମୋହର ଜୀବନ-ପଞ୍ଜିକା,
ଗଢ଼ୁଥିଲି ବସି ମନ-ଅଟ୍ଟାଳିକା,
ତୋଳୁଥିଲି ସିନା ବ୍ୟୋମ-ପୁଷ୍ପମାନ,
କରୁଥିଲି ମୃଗତୃଷ୍ଣା-ଜଳେ ସ୍ନାନ,
ଅଗ୍ରେ ପଡ଼ି ଘୋର ଭବିତବ୍ୟ-ଛାୟା
ପଲକେ ତୁଟିଲା ସେ ମୋହନ-ମାୟା,
ସେ ଛାୟା-ଅନ୍ଧାରେ ଦେଖିଲି ଭୀଷଣ
ନୈରାଶ୍ୟ-ପ୍ରେତର ବିକଟ ନର୍ତ୍ତନ,
ଗୃହୁଁ ଛଡ଼ି ତୋର ସେହି ବର୍ଣ୍ଣିକା
ଚଢ଼ି ଦେଲି ମନୁ ନିମିଷେ, ଚିଲିକା !

---

(୧) ବଳଦେବ ରଥ ଚିଲିକା କୂଳସ୍ଥିତ ଖଲ୍ଲିକୋଟ ନିବାସୀ ଥିଲେ । ଉପେନ୍ଦ୍ର ଭଞ୍ଜ ଚିଲିକାକୂଳସ୍ଥିତ ବାଣପୁରରେ ବିବାହ କରି ସେଠାରେ କିୟତ୍‌କାଳ ଅତିବାହିତ କରିଥିଲେ । ବାଣପୁର ରାଜକନ୍ୟା କାବ୍ୟଶାସ୍ତ୍ରବିନୋଦିନୀ ଥିଲେ ଏବଂ କାବ୍ୟ ରଚନାରେ ଭଞ୍ଜ କବିଙ୍କର ପ୍ରଧାନ ସହାୟ ଥିଲେ ।

Digitized by srujanika@gmail.com

ଦେବି ବୀଣାପାଣି ! କେଉଁ ପାପଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭବେ ଉତ୍କଳ ଶୋଭାର-ନିଧାନ,
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ—
ବିନୁ ସିନା ମାତା ହୋଇଛୁ ବିବଶା,
ଭଜଛୁ ଅରଣ୍ୟ-ପ୍ରସୂନର ଦଶା,
କ୍ଷୁଦ୍ର ଶିପ୍ରାସ୍ରୋତ ବିଖ୍ୟାତ ଜଗତେ (୧)
ମହାନଦୀ ନାମ ରହିଲା ଗୁପତେ !
ସୁରୂପା ଅଂଶୁପା ଲୋକେ ଅଗୋଚର ! (୨)
ପୂଜାସ୍ପଦ ହେଲା ଗୋଷ୍ପଦ-ପୁଷ୍କର ! (୩)
ତୋର କୃପାବଳେ କ୍ଷୁଦ୍ର ମହାସ୍ଥାନ,
ତୋ କୃପା ବିହୁନେ ବଡ଼ ହୁଏ ସାନ;
ଖର୍ବ ଗୋବର୍ଦ୍ଧନ ଗିରୀନ୍ଦ୍ର ବୋଲାଏ, (୪)
ମହାତୀର୍ଥ ରୂପେ ଲୋକେ ପୂଜା ପାଏ,
ସ୍ୱଭବେ ଗିରୀନ୍ଦ୍ର ହୋଇ ମେଘାସନ
ଲଭି ନାହିଁ ଗିରି-ସମାଜେ ଆସନ ।

---

(୧) ଶିପ୍ରା—ଉଜ୍ଜୟିନୀର ନିକଟବର୍ତ୍ତୀ ନଦୀ । ଏ ନଦୀ ସଂସ୍କୃତ ସାହିତ୍ୟରେ ପ୍ରସିଦ୍ଧ । (୨) ବାଙ୍କି ଅନ୍ତର୍ଗତ ସୁରମ୍ୟହ୍ରଦ । ଓଡ଼ିଶାରେ ଏହାର ସୌନ୍ଦର୍ଯ୍ୟ ଅତୁଳନୀୟ । (୩) ଆଜମିର ନିକଟବର୍ତ୍ତୀ ହ୍ରଦ—ଆକୃତରେ ଏହା ଅଂଶୁପାର ଦଶମାଂଶ ସୁଦ୍ଧା ହେବନାହିଁ ।

(୪) ମଥୁରାର ନିକଟବର୍ତ୍ତୀ ଗୋବର୍ଦ୍ଧନ ଓଡ଼ିଶାର କୌଣସି କୌଣସି ପୁଷ୍କରିଣୀର ହୁଡ଼ା ଅପେକ୍ଷା ଅଧିକ ଉଚ୍ଚ ନୁହେଁ ।

Digitized by srujanika@gmail.com

ତୋ କୃପା ବହୁନେ ଉତ୍କଳମାତାର
ନାମେ ଖ୍ୟାତଗ୍ରନ୍ଥେ ପଡ଼ ନାହିଁ ଗାର,
ଭାଗ୍ୟଦୋଷେ ଅଙ୍ଗ ଅଜ୍ଞାନ-ଶର୍ବରୀ—
ଅନ୍ଧାରେ ଅଭାଗୀ ରଖିଛି ଆବରି ।
ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ-ଭାଷା-କମଳିନୀ,
ଏ ଘୋର ଯାମିନୀ-ଅବସାନ-ଶଂସୀ
କାବ୍ୟତାରାରୂପେ ବୀର ଗଙ୍ଗବଂଶୀ (୧)
ଉଦିଲେ ପ୍ରଥମେ ବାମଣ୍ଡା ରାଜନ
ବାସୁଦେବ ବିଶ୍ୱ-କଲ୍ୟାଣ-ଭାଜନ,
ରଖିଲେ ସୁନାମ ଯେହୁ କାଳେ କାଳେ
ଗୁଣଯନ୍ତ୍ରେ ଖୋଳି ଯଶୋଗିରି ଭାଲେ,
ତମ ପଳାଉଛି ହୋଇ ଥରଥର,
ପ୍ରାଚୀନଭଃ ନବ-ବିଭାରେ ଭାସ୍ୱର,
ରବିରୂପେ ଏବେ ଉଦୟ ଅଚଳେ
ଭଞ୍ଜ-ବଂଶମଣି ଉଦିତ ଉତ୍କଳେ, (୨)
ଶ୍ରୀମାନ ଶ୍ରୀରାମଚନ୍ଦ୍ର ଆଖ୍ୟାଧାରୀ,
ଉତ୍କଳ-ଅଜ୍ଞାନ-ତମ-ଧ୍ୱଂସକାରୀ;

---

(୧) ବାମଣ୍ଡାର ମହାରାଜା ସୁଢ଼ଳଦେବ ଗଙ୍ଗବଂଶୀୟ ଅଟନ୍ତି ।

(୨) ମୟୂରଭଞ୍ଜର ରାଜବଂଶ "କୌଶେୟ" ଅର୍ଥାତ୍ ରାମଚନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର ବଂଶୋଦ୍ଭୂତ ଅଟନ୍ତି ।

Digitized by srujanika@gmail.com

ସୌଦାମିନୀ-ଲକ୍ଷ୍ୟ ସମୁଜ୍ଜ୍ୱଳଶିଖ—
ମେଘାସନ କୁଞ୍ଜ-ବିହାର-ରସିକ,
ଅଶ୍ୱ-ସଞ୍ଚାଳନେ ଅଦ୍ଭୁତ କୌଶଳୀ,
ଦୃଷ୍ଟି-ଭେଦୀ ଯାର ବଜ୍ରନାଦୀ ନଳୀ,
ବୀଣାପାଣି-ପୂଜାଯୋଗ୍ୟ-କଞ୍ଜକୁଳ
ଫୁଟିବାର ଏହି କାଳ ଅନୁକୂଳ;
ସେ ପଦ୍ମ ଫୁଟିବ କବି-ହୃଦ-ସରେ
ନବୋଦିତ ଏହି ଭକ୍ତି-ରବି-କରେ,
ପୂଜିବେ ତୋ ପଦ ଉତ୍କଳ ସନ୍ତତି
ସେହି ପଦ୍ମେ, ପଦ୍ମବାସିନି, ଭାରତି !
ଉତ୍କଳା ! ତୋ ଘର ବନ୍ଧୁର ଲଳିତ
ସେହି ରବିକରେ ହେବ ଆଲୋକିତ,
ବାଣୀ-ଆବିର୍ଭାବ-ଯୋଗ୍ୟସ୍ଥଳ ଜାଣି
ଆଶ୍ରିବେ ତୋ ଘର ବୁଧ, କବି, ଜ୍ଞାନୀ,
ହୋଇ ତୁ ତାଙ୍କର ବିହାର-ତଡ଼ାଗ
ଲଭିବୁ ଅଖିଳ-ଜନ-ଅନୁରାଗ ।

କଟକ ଟ୍ରେଡ୍‌ସ ପ୍ରେସରେ ପଣ୍ଡିତ ଶ୍ରୀ ଭୁବନେଶ୍ୱର ମିଶ୍ରଙ୍କ ଦ୍ୱାରା
ମୁଦ୍ରିତ— ୧୯୫୫

Digitized by srujanika@gmail.com